ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା
ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା – ୭୫୨୦୫୫, ଫୋନ ନଂ- ୦୬୭୫୫-୨୨୩୫୨୫

ସଂଖ୍ୟା ୧୬୫୬ ତାରିଖ ୧୧.୦୬.୨୦୨୪

**ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ**
**ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ବିଜ୍ଞାପନ କ୍ରମିକ ସଂଖ୍ୟା ୫୭୫ ତା୧୬.୦୨.୨୦୨୪ ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ପରିଚାଳିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟମାନଙ୍କରେ ବିଭିନ୍ନ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ବୈଧ ଡ୍ରାଫ୍ଟ ତାଲିକା ଓ ଖାରଜ ତାଲିକା ବ୍ଲକ ଶିକ୍ଷା ଅଧିକାରୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ନୋଟିସ ବୋର୍ଡରେ ପ୍ରଦର୍ଶିତ ହେବା ସହିତ ଜିଲ୍ଲା ୱେବସାଇଟ www.khordha.nic.in ଓ ଓସେପା ୱେବସାଇଟ www.osepa.odisha.gov.in ରେ ମଧ୍ୟ ଉପଲବ୍ଧ କରାଯାଇଅଛି ।

ଏହି ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତତ-ସମ୍ପର୍କିତ ଅଭିଯୋଗ ଯଦି କୌଣସି ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଥାଏ ତେବେ କେବଳ ଜିଲ୍ଲା ୱେବସାଇଟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଅଭିଯୋଗ ପତ୍ର (ପ୍ରଯୁଜ୍ୟ ସହାୟକ ପ୍ରମାଣପତ୍ରର ନକଲ ସହିତ) ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧାରେ ଯେକୌଣସି କାର୍ଯ୍ୟ ଦିବସରେ ଦିବା ୧୦.୦୦ ଘଟିକା ଠାରୁ ସନ୍ଧ୍ୟା ୫.୦୦ଘଟିକା ମଧ୍ୟରେ ଦାଖଲ କରିପାରିବେ । ଅଭିଯୋଗ ପତ୍ର ସହ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରିବାର ଶେଷ ତାରିଖ ତା୨୮.୦୬.୨୦୨୪ରିଖ । ଶେଷ ତାରିଖ ପରେ ପ୍ରାପ୍ତ ହୋଇଥିବା କିମ୍ବା ନିର୍ଦ୍ଧାରିତ ଫର୍ମରେ ନଥିବା ଏଭଳି କୌଣସି ଅଭିଯୋଗ ପତ୍ର ଗ୍ରହଣ କରାଯିବ ନାହିଁ । ନିଯୁକ୍ତି ଆବେଦନ ଫର୍ମ ସହ ସଂଲଗ୍ନ କରାଯାଇନଥିବା କୌଣସି ଆବଶ୍ୟକୀୟ ସାର୍ଟିଫିକେଟ/ ମାର୍କସିଟ ଅବା ପ୍ରମାଣପତ୍ର ଅଭିଯୋଗ ନିମନ୍ତେ ଗ୍ରହଣୀୟ ହେବନାହିଁ ।

ବି. ଦ୍ର.: ପ୍ରକାଶିତ ହୋଇଥିବା ତାଲିକା କୌଣସି ମେଧା ତାଲିକା ନୁହେଁ ।

ସ୍ୱା /-
ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା